**ଗ୍ରାମୀଣ କୃଷି ମୌଷମ ସେବା, କ୍ଷେତ୍ରୀୟ କୃଷି ଉପଦେଶ ଏକକ, କିରେଇ**

**ଆଞ୍ଚଳିକ ଗବେଷଣା ଓ ବୈଷୟିକ ସଂପ୍ରସାରଣ ଉପକେନ୍ଦ୍ର, ସୁନ୍ଦରଗଡ**

**ଓଡିଶା କୃଷି ଓ ବୈଷୟିକ ବିଶ୍ୱ ବିଦ୍ୟାଳୟ, ସୁନ୍ଦରଗଡ**

***ସାପ୍ତାହିକ କ୍ରମିକ ସଙ୍ଖ୍ୟା :୦୧,ବୁଲେଟିନ ନମ୍ବର-୦୨,ତାରିଖ : ୦୫।୦୧।୨୦୨୪,ଶୁକ୍ର ବାର***

**ଆସନ୍ତା ପାଞ୍ଚ ଦିନର ପାଣିପାଗ ସୂଚନା :**

ଆଗାମୀ ୦୬.୦୧.୨୦୨୪ –୧୦.୦୧.୨୦୨୪,ଶନି ବାର – ବୁଧ ବାର  ପର୍ଯ୍ୟନ୍ତ ସପ୍ତାହର ପାଣିପାଗ ଆଗାମୀ ପାଞ୍ଚ ଦିନରେ ବର୍ଷା ହେବାର ସମ୍ଭାବନା ରହିନାହିଁ  ।ସର୍ବାଧିକ ତାପମାତ୍ରା (୨୪ –୨୫ °C)ମଧ୍ୟରେ ରହିବାର ସମ୍ଭାବନା ରହିଛି  ଓ ସର୍ବନିମ୍ନ ତାପମାତ୍ରା (୧୫ -୧୬ °C ) ମଧ୍ୟରେ ରହିବାର ସମ୍ଭାବନା ରହିଛି । ଆଗମି ସପ୍ତାହ ରେ ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (୬୪–୮୧%) ମଧ୍ୟରେ ଓ ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (୩୧–୩୯%) ମଧ୍ୟରେ  ରହିବାର ଭାରତ ପାଣିପାଗ ବିଭାଗ ,ଭୁବନେଶୋର ର ତଥ୍ୟ ଅନୁଯାୟୀ ପୂର୍ବାନୁମାନ କରାଯାଉଅଛି ।

| ଜିଲ୍ଲା | ତାରିଖ | ବର୍ଷା (ମି.ମି) | ସର୍ବାଧିକ ତାପମାତ୍ରା (ଡି.ସେ) | ସର୍ବନିମ୍ନ ତାପମାତ୍ରା (ଡି.ସେ) | ମେଘାଛନ୍ନ | ସର୍ବାଧିକ ଆପେକ୍ଷିକ ଆର୍ଦ୍ରତା (ପ୍ରତିଶତ) | ସର୍ବନିମ୍ନ ଆପେକ୍ଷିକ ଆର୍ଦ୍ରତା (ପ୍ରତିଶତ) | ବାୟୁ ର ବେଗ (କି.ମି. ପ୍ର.ଘ) | ବାୟୁ ର ଦିଗ (ଡି.ଗ୍ରୀ) |
|---|---|---|---|---|---|---|---|---|---|
| ଦେଓଗଡ | ୦୬ -୦୧-୨୦୨୪ | ୦ | ୨୪ | ୧୫ | ୨ | ୭୭ | ୩୧ | ୭ | ୧୧୬ |
| | ୦୭-୦୧-୨୦୨୪ | ୦ | ୨୪ | ୧୬ | ୩ | ୮୦ | ୩୩ | ୬ | ୮୧ |
| | ୦୮-୦୧-୨୦୨୪ | ୦ | ୨୫ | ୧୬ | ୧ | ୮୧ | ୩୩ | ୬ | ୯୦ |
| | ୦୯-୦୧-୨୦୨୪ | ୦ | ୨୫ | ୧୫ | ୨ | ୬୪ | ୩୯ | ୪ | ୧୬୨ |
| | ୧୦-୦୧-୨୦୨୪ | ୦ | ୨୫ | ୧୫ | ୨ | ୭୭ | ୩୩ | ୫ | ୧୨୨ |

**କୃଷି ପାଣିପାଗ ଉପଦେଶ**

**ସାଧାରଣ ପରାମର୍ଶ :** ଓୟୁଏଟି ରୁ ବିକଶିତ ହୋଇଥିବା ବିଭିନ୍ନ ଫସଲର ନୂତନ କିସମ ଗୁଡିକ ଚାଷୀ ମାନଙ୍କ ପାଇଁ ବହୁ ଉପାଦେୟ ହେବ

ନୂତନ କିସମ ମଧ୍ୟରେ ରହିଛି ଶ୍ରୀଅନ୍ନ ମାଣ୍ଡିଆର ଶ୍ରୀରତ୍ନ

ବାଇଗଣର ଗୌରୀ

ଧାନ ଫସଲର ଛଅଟି କିସମ

ଧାନ କିସମ ମଧ୍ୟରେ ଓୟୁଏଟି କଳିଙ୍ଗ ଧାନ -୧ କୋଲାବ ,ଓୟୁଏଟି କଳିଙ୍ଗ ଧାନ-୬ ଭାର୍ଗବୀ ,ଓୟୁଏଟି କଳିଙ୍ଗ ଧାନ -୭ ବାରୁଣେଇ ଅନ୍ୟତମ

ମାଣ୍ଡିଆ,ମୁଗ,ଚିନାବାଦାମ,ସୋରିଷ ଓ ରାଶିର ଗୋଟିଏ ଲେଖାଏଁ କିସମ

ଲଙ୍କାମରିଚ,ବିଲାତି ବାଇଗଣ ଓ ଶିମ୍ବ ର ଗୋଟିଏ ଲେଖାଏଁ କିସମ

ମସଲା ଜାତୀୟ ଫସଲରେ ଅଦାର ଦୁଇଟି ଓ ହଳଦୀ ର ଦୁଇଟି କିସମ ରହିଛି

**ଡାଲୁଅଧାନ :**

ଏହି ମାସ ଶେଷ ସୁଦ୍ଧା ତଳି ପକାଇବା କାମ ଶେଷ କରନ୍ତୁ ।

ଏଥିପାଇଁ ସଅଳ ଓ ମଧ୍ୟମ ବିହନ ବ୍ୟବହାର କରନ୍ତୁ ।

ତଳି ଉତାରିବା ପାଇଁ କାଦୁଅ ତଳିଘରା ପ୍ରସ୍ତୁତ କରନ୍ତୁ ।

ଶେଷ ଓଡ଼ ଚାଷ ସମୟରେ ୧୦ ଡେସିମିଲି ତଳିପଟିରେ ୪୦ ଝୁଡି ଶଢା ଗୋବର ଖତ ,୧୨ କିଗ୍ରା ସିଙ୍ଗଲ ସୁପର ଫସଫେଟ ଓ ୨ କିଗ୍ରା ମ୍ୟୁରେଟ ଅଫ ପଟାସ ସାର ମାଟିରେ ମିଶାଇ ଦିଅନ୍ତୁ ।

ବିହନକୁ ୨୪ ଘଣ୍ଟା ପାଣିରେ ଭିଜାଇ ଗଜା କରି ଗାଲି ଫିଟିବା ପରେ କାଦୁଅ ତଳି ପଟିରେ ବୁଣନ୍ତୁ ।

ଡାଲୁଅ ଧାନ ପ୍ରତି ୩ ବର୍ଷରେ ବିହନ ବଦଳାନ୍ତୁ | ବିହନ ଗଜା ପରୀକ୍ଷା କରି ବୁନନ୍ତୁ ।

**କନ୍ଦମୂଳ :**

କନ୍ଦମୂଳ ୨୫ ରୁ ୩୦ ଦିନର ହୋଇଗଲେ ଫସଲକୁ କୋଡାଖୁସା କରି ଏକର ପ୍ରତି ୩୭.୫ କିଗ୍ରା ଯବକ୍ଷାରଜାନ ଓ ୩୭.୫ କିଗ୍ରା ପଟାସ ସାର ଦେଇ ହୁଡା ଟେକିଦିଅନ୍ତୁ । ଏହା ଦ୍ୱାରା ଭଲ ଅମଳ ହୁଏ ।

ସାର ଦେଇ ମାଟିର ବତର ଦେଖି ଜଳସେଚନ କରନ୍ତୁ ।

**ଚିନାବାଦାମ :**

ଚିନାବାଦାମ ଫସଲରେ ଫୁଲ ଆସିବାସମୟରେ କୋଡା ଖୁସା କରନ୍ତୁ ନାହିଁ ଚିନାବାଦାମ ଫସଲରେ ପତ୍ରକଣା ଓ ପତ୍ରଖିଆ ପୋକ ଲାଗିବା ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ ଏଣ୍ଡୋସଲଫାନ ମିଶାଇ ସିଞ୍ଚନ କରନ୍ତୁ ପ୍ରତି ୧ ଲିଟର ପାଣିରେ ୨ ମିଲି ହିସାବରେ ମନୋକ୍ରୋଟୋଫ୍ସ କିମ୍ବା କ୍ଲୋରୋପାଇରିଫସ ମିଶାଇ ସିଞ୍ଚନ କରନ୍ତୁ

**ଆଳୁ :**

ଆଳୁ ଗଜା ହେବାର ୧୫ ଦିନ ପରେ କୋଡାଖୁସା କରି ମାଟି ଗୁଣ୍ଡ କରି ଦିଅନ୍ତୁ

ଫସଲର ୨୦-୨୫ ଦିନ ବେଳକୁ ଏକର ପ୍ରତି ୧୨ କି.ଗ୍ରା. ଯବକ୍ଷାରଜାନ ପ୍ରଥମ ଶୀର୍ଷସାର ଭାବେ ପ୍ରୟୋଗ କରନ୍ତୁ

ଆଳୁରେ ଜଉପୋକ ନିୟନ୍ତ୍ରଣ କରିବା ପାଇଁ ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ ମିଥାଇଲ ଡେମିଟନ କିମ୍ବା ଡାଇମିଥୋଏଟ ମିଶାଇ ସିଞ୍ଚନ କରନ୍ତୁ

ଆଳୁରେ କର୍ତ୍ତକ କୀଟ ଲାଗୁଥିଲେ ଏକର ପ୍ରତି ୧୦ କି.ଗ୍ରା. କ୍ଲୋରୋପାଇରିଫସ ୧.୫% ଗୁଣ୍ଡ ପ୍ରୟୋଗ କରନ୍ତୁ କିମ୍ବା ପ୍ରତି ଲିଟର ପାଣିରେ ୨ ମି.ଲି. ହିସାବରେ କ୍ଲୋରୋପାଇରିଫସ ୨୦% ଇସି ସିଞ୍ଚନ କରନ୍ତୁ

**ସୂର୍ଯ୍ୟାମୁଖୀ :**

ଏବେଠାରୁ ଖରାଦିନିଆ ସୂର୍ଯ୍ୟାମୁଖୀ ପାଇଁ ଜମି ପ୍ରସ୍ତୁତ କରନ୍ତୁ

ଉନ୍ନତ କିସମ ପାଇଁ ସନରାଇଡ ମୋରଡେନ ଓ ଶଙ୍କର ଜାତୀୟ ପାଇଁ ଏମ ଏସ ଏଫ ଏଚ -୧୭ କେ ବି ଏସ ଏଚ -୧ ପି ଏ ସି -୩୬ ପିଏସି -୧୦୯୧ ଆଦି ବିହନ ସଂଗ୍ରହ କରନ୍ତୁ

ରବି ସୂର୍ଯ୍ୟାମୁଖୀ ବୁଣିବାର ୨୧-୩୦ ଦିନ ର ହୋଇଥିଲେ ଜମିକୁ କୋଡାଖୁସା କରି ଘାସ ଓ ଅନାବନା ଗଛ ବାଛି ଦିଅନ୍ତୁ ଏକର ପ୍ରତି ଉନ୍ନତ କିସମ ହୋଇଥିଲେ ୩ କିଗ୍ରା ଓ ଶଙ୍କର ଜାତୀୟ ପାଇଁ ୬ କିଗ୍ରା ହିସାବରେ ଯବକ୍ଷାରଜାନ ପ୍ରଥମ ଶୀର୍ଷ ସାର ରୂପେ ଗ୍ରହଣ କରନ୍ତୁ

ଫସଲରେ ଉଇ ଜନିତ ଝାଉଁଳା ରୋଗ ଦେଖାଦେଲେ ପ୍ରତି ଲିଟର ପାଣିରେ ୨ ମିଲି ହିସାବରେ କ୍ଲୋରୋପାଇରିଫସ  ୨୦ ଇସି ମିଶାଇ ମାଟିକୁ ଭଲଭାବରେ ଭିଜାଇ ଦିଅନ୍ତୁ

**ଗହମ :**

ଗହମ ବୁଣିବାର ୨୧ ଦିନ ପରେ କୋଡ଼ାଖୋସା କରି ଘାସ ବାଛି ଦିଅନ୍ତୁ

ମଞ୍ଜି ଗଜା ହେବାର ୨୧ ଦିନ ପରେ ଏକର ପ୍ରତି ଏକର ପ୍ରତି ୬-୮ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ

ସଅଳ ବୁଣା ହୋଇଥିବା ଗହମ ୩୫ ଦିନର ହୋଇଥିଲେ ଏକର ପ୍ରତି ୬-୮ କିଗ୍ରା ଯବକ୍ଷାରଜାନ ପ୍ରୟୋଗ କରନ୍ତୁ

**ଗୋଲାପ ଚାଷ :**

ଗୋଲାପ ଚାଷରେ ଉକୁଣିଆ ଓ ଜଉ ପୋକ ଦମନ ପାଇଁ ୨ ମିଲି ଡ଼ାଇମିଥଏଟ  ବା ୦.୩ ମିଲି ଇମିଡ଼ାକ୍ଲୋପ୍ରିଡ ୧୭.୮ ଏସଏଲ କୁ ୧ ଲିଟର ପାଣିରେ ମିଶାଇ ସିଞ୍ଚନ କରନ୍ତୁ

**ଗେଣ୍ଡୁ ଫୁଲ :**

ଗେଁଡୁଫୁଲ ଚାଷ ପାଇଁ ସିରାକୋଲ ବି ଏମ ୨ ଏବୌଁ ବି ଏମ ୩ କିସମର ଗେଣ୍ଡୁଚାରା ଅଧିକ ଉତ୍କୃଷ୍ଟ ଅଟେ

ଚାରା ମାନଙ୍କ ମଧ୍ୟରେ ଡେଙ୍ଗାକିସମ ଗୁଡିକ ଧାଡିକୁ ଧାଡ଼ି ୩୦ ରୁ ୪୦ ସେମି ଓ ଗଛ କୁ ଗଛ ୩୦ ସେମି ବ୍ୟବଧାନରେ ଲଗାନ୍ତୁ

ବାମନ କିସମ ଗୁଡିକୁ ଧାଡିକୁ ଧାଡ଼ି ୨୦-୩୦ ସେମି ଓ ଗଛକୁ ଗଛ ୨୦ ସେମି ବ୍ୟବଧାନରେ ଲଗାନ୍ତୁ

**କୁକୁଡ଼ା ପାଳନ :**ଅଧିକ ଅଣ୍ଡା ଓ ମାଂସ ପାଇଁ ଗାଁ ଗହଳିର ବାଡିବାଗିଚାରେ ବନରାଜା ,ଗ୍ରାମପ୍ରିୟ ଓ ପଲ୍ଲୀରଜା ପ୍ରଜାତିର କୁକୁଡ଼ା ପାଳନ କରନ୍ତୁ ।

**ମାଛ ଚାଷ :** ପୋଖରୀ ଭିତରକୁ ଗେଣ୍ଡା ଚଢେଇ ଓ କପୋତମାନର ପ୍ରବେଶକୁ ରୋକାଯିବା ଉଚିତ ଏହାଦ୍ବାରା ପରଜୀବୀମାନଙ୍କ ଜୀବନଚକ୍ରକୁ ଭଙ୍ଗାଯାଇ ପାରିବ

ମାଛ  ପୋଖରୀରେ ଯାଆଁଳମାନଙ୍କ ର ସ୍ବତନ୍ତ୍ର ଯତ୍ନ ନେବା ଆବଶ୍ୟକ

ପୋଖରୀରୁ ପରଜୀବୀମାନଙ୍କ ର ସଂକ୍ରମଣ ଯୋଗ୍ୟ ଅବସ୍ଥାକୁ ସମ୍ପୂର୍ଣ ମାରି ଦେଲେ ରୋଗ ହେବା ଆଶଙ୍କା କମିଯାଏ

**ପ୍ରାଣୀ :**

ଶୀତଦିନେ ଗାଈ ମାନଙ୍କ  ବାସଗୃହ ଖାଦ୍ୟ ପ୍ରଜନନ ଲାଳନ ପାଳନରେ ଯତ୍ନ ଓ ସ୍ବାସ୍ଥ୍ୟ ପ୍ରତି ଯତ୍ନ ଶୀଳ ହେଲେ ସେମାନଙ୍କଠାରୁ ଦୁଗ୍ଧ ବୃଦ୍ଧି ହୁଏ ।

ଗୁହାଳେ ଆଲୋକ ଓ ବାୟୁ ଚଳାଚଳ ଠିକ ଭାବରେ ହେବା ଦରକାର ଆଦୌ ଅନ୍ଧାରିଆ ହେବା ଉଚିତ ନୁହେଁ ।

ଗୁହାଳର ଚଟାଣରେ ବାଲି ରଖିଲେ ଭଲ କାରଣ ସେମାନଙ୍କଠାରୁ ନିର୍ଗତ ମଳମୂତ୍ର ବାଲିରେ ଶୋଷି ହୋଇଯାଏ ଯାହାଦ୍ୱାରା ସେମାନେ ସର୍ବଦା ଶୁଖିଲା ଚଟାଣରେ ରହିପାରିବେ ।

ଗୋରୁ ଗୁହାଳ ର ଭିତର ଓ ବାହାର ସର୍ବଦା ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ।

ଶୀତଦିନେ ଗୋରୁଙ୍କୁ ଉତ୍ତାପ ଶକ୍ତିପ୍ରଦାୟକ  ତନ୍ତୁଜାତୀୟ ଖାଦ୍ୟ ଯଥା ଘାସ ନଡା ପାଳ କୁଣ୍ଡା ଚୋକଡ ଡାଳପତ୍ର ମକାଗଛ ପତ୍ର ଓ କାଣ୍ଡ ଇତ୍ୟାଦି ଖାଇବାକୁ ଦିଅନ୍ତୁ ।

କୃଷି କ୍ଷେତ୍ର ସହ ଜଡିତ ଯେକୌଣସି ସମସ୍ୟା ପାଇଁ ଟୋଲ ଫ୍ରି ନମ୍ବର ୧୫୫୧ କୁ ଡାଏଲ କରନ୍ତୁ।

ଉତ୍ତମ କୃଷି ଲାଭ ପାଇଁ, ଓୟୁଏଟି କଳିଙ୍ଗ ପ୍ରଡକ୍ଟସ୍ (ବିହନ, ସେପଲିଙ୍ଗ୍ ଏବଂ ଜେଡ୍ଡିଏମ୍, ଟିସୁ ଚାଷ ଉଦ୍ଭିଦ, ଫଳ ଓ ପନିପରିବା, ମୂଲ୍ୟଯୁକ୍ତ ଉତ୍ପାଦ, ଫିଙ୍ଗରଲିଙ୍ଗ୍/ଇୟରଲିଙ୍ଗ୍, କୁକୁଡ଼ା ଛୁଆ, ପ୍ରଜନନ, ମହୁମାଛି ଓ ଛେଳି, ଜୈବସାର, ଜୈବ କୀଟନାଶକ, ଭେରିମି ଏବଂ ଭେରିକମ୍ପୋଷ୍ଟ ଏବଂ ଫାର୍ମ ଉପକରଣ)

ଆଇଏମଡିର ପାଣିପାଗ ପୂର୍ବାନୁମାନ ଏବଂ ଓଡ଼ିଶା ସ୍ଥିତିର କୃଷି ପାଣିପାଗ ପରାମର୍ଶଦାତା ବର୍ତ୍ତମାନ ମେଘଦୂତରେ ଉପଲବ୍ଧ

ଇଂରାଜୀ ଓ ଓଡ଼ିଆ ଭାଷାରେ ମୋବାଇଲ୍ ଆପ୍ ଡାଉନଲୋଡ୍ କରିବା: (ଏଣ୍ଡ୍ରିଓଡ୍: ***https://play.google. com/store/apps/details?id_com.aas.meghdoot)***

**ବି : ଦ୍ରଷ୍ଟବ୍ୟ : ଓୟୁଏଟି  ଶାଖା  ଚିପଲିମା ଓ ଗମ୍ଭାରିପାଲି ବିହନ ଗବେଷଣା ଫାର୍ମ ଠାରେ ସ୍ୱର୍ଣ ଧାନ ବିହନ ୨୦ କିଗ୍ରା ବସ୍ତା ପିଛା ଟ. ୭୧୨ . ୪୦ ପଇସା ଚାଷୀ ନିମିତ୍ତ ବିକ୍ରି ହଉଅଛି |**

*ନୋଡାଲ ଅଫିସର, କିରେଇ*